# ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ, ଢ଼େଙ୍କାନାଳ

ପତ୍ର ସଂଖ୍ୟା. 549 /ସୂ.ଲୋ.ସଂ. ତା. ୦୬/୧୧/୨୧

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଢେଙ୍କାନାଳ, ତା. ୦୬.୧୧.୨୦୨୧-

ଆଜି ଜିଲ୍ଲା କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାରାଣ୍ଡି ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । କରୋନା ମହାମାରୀ ସତ୍ତ୍ୱେ ଜନସାଧାରଣଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ସେ ପ୍ରକାଶ କରିଛନ୍ତି । ସାମଗ୍ରିକ ବିକାଶ ନିମନ୍ତେ ସମ୍ପୃକ୍ତ ଅଧିକାରୀମାନେ ସମନ୍ୱୟ ରକ୍ଷାକାରୀ ନିଷ୍ଠାର ସହିତ କାର୍ଯ୍ୟ ସମ୍ପାଦନ କରୁଥିବା ଯୋଗୁଁ ଆମେ ଆଜି ସମସ୍ତ ପ୍ରକାର ବାଧାବିଘ୍ନକୁ ସହଜରେ ଅତିକ୍ରମ କରିପାରୁଛେ ବୋଲି କହିଛନ୍ତି । ରାଜ୍ୟ ସରକାରଙ୍କ ନୂତନ ନିୟମ ଅନୁଯାୟୀ, ଆବେଦନ କରିଥିବା ବାସଭୂମିହୀନମାନଙ୍କୁ ଯଥାଶୀଘ୍ର ଜମିପଟ୍ଟା ଯୋଗାଇ ଦେବା ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ସମସ୍ତ ବ୍ଲକରେ ଥିବା ବହୁମୁଖୀ ଆଶ୍ରୟସ୍ଥଳ ଗୁଡିକରେ ଆନୁଷାଙ୍ଗିକ ବ୍ୟବସ୍ଥା ସହିତ ସର୍ବଦା ପ୍ରସ୍ତୁତ ରଖିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ କାର୍ଯ୍ୟରେ ଆସୁଥିବା ଜନସାଧାରଣଙ୍କୁ ଉଚିତ ସମ୍ମାନ ଓ ବ୍ୟବହାର ପ୍ରଦର୍ଶନ କରି ସେମାନଙ୍କୁ ସହଯୋଗ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ଢେଙ୍କାନାଳ ସହର ଓ ସଂଲଗ୍ନ ଅଞ୍ଚଳରେ ଥିବା ସମସ୍ତ ସରକାରୀ ଜମିକୁ ସରକାରଙ୍କ ଅକ୍ତିଆରରେ ରଖିବାକୁ କହିଛନ୍ତି । 5 T ଅନ୍ତର୍ଗତ ମୋ ସରକାର କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇ ପାରିଲେ ରାଜ୍ୟ ତଥା ଦେଶର ବିକାଶ ତ୍ୱରାନ୍ୱିତ ହୋଇପାରିବ ଓ ମାନସିକ ଶାନ୍ତି ମିଳିବ ବୋଲି ସେ ମତ ବ୍ୟକ୍ତ କରିଛନ୍ତି ।

ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ସେଠୀ ଢେଙ୍କାନାଳ ଜିଲ୍ଲା ସମ୍ପର୍କରେ ମାନ୍ୟବର ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଜିଲ୍ଲାର ଭୂମିହୀନମାନଙ୍କୁ ଯୋଗାଇ ଦିଆଯାଉଥିବା ଜମି ପଟ୍ଟା, ବିଭିନ୍ନ ଭତ୍ତା ପ୍ରଦାନ ସମ୍ପର୍କରେ ମଧ୍ୟ ଅବଗତ କରାଇଥିଲେ । ବିଭିନ୍ନ ସୂତ୍ରରୁ ଯଥା ଷ୍ଟାମ୍ପ ଡ୍ୟୁଟି, ରେଜିଷ୍ଟ୍ରେସନ ଫି, ଜୋରିମାନା ଆଦାୟ ଆଦିରୁ ହେଉଥିବା ରାଜସ୍ୱ ସଂଗ୍ରହ ସମ୍ପର୍କରେ ଜଣାଇଥିଲେ । ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନାର ସଫଳ ରୂପାୟନ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ବ୍ଲକ, ସବ ଡିଭିଜନ ଓ ଜିଲ୍ଲା ସ୍ତରରେ ବୈଠକ କରି ବିହିତ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ବୋଲି କହିଛନ୍ତି

ଚଳିତ ଆର୍ଥିକ ବର୍ଷରେ ଅକ୍ଟୋବର ମାସ ସୁଦ୍ଧା ଜିଲ୍ଲାର ସମସ୍ତ ତହସିଲ ଅଞ୍ଚଳରେ ଖଣି ଖଦାନରେ ଚଢାଉ ଓ ଯାଞ୍ଚ କରାଯାଇ ଜୋରିମାନା ବବାଦକୁ ମୋଟ ୨,୪୪,୯୯,୯୭୨ ଟଙ୍କା ଆଦାୟ ହୋଇଥିବା ଜଣାଯାଇଛି ।

ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶଶାଙ୍କ ଶେଖର ଦାଶ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ସ୍ନିଗ୍ଧା ରାଣୀ ଧଳ, କାମାକ୍ଷାନଗର ଉପଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ହିନ୍ଦୋଳ ଉପଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ରଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଏବଂ ସମସ୍ତ ବିଡିଓ, ତହସିଲଦାର, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

୦୬/୧୧/୨୧.

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଢେଙ୍କାନାଳ